# Official Spokesperson’s response to media queries on the Press Release by General Secretariat of OIC with respect to the Union Territory of Jammu and Kashmir

August 05, 2021

## ଜାମ୍ମୁ ଓ କାଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ସନ୍ଦର୍ଭରେ ଓଆଇସିର ସାଧାରଣ ସଚିବାଳୟ ପକ୍ଷରୁ ଜାରି ପ୍ରେସ ବିଜ୍ଞପ୍ତି ଉପରେ ଗଣମାଧ୍ୟମ ପ୍ରଶ୍ନକୁ ନେଇ ସରକାରୀ ମୁଖପାତ୍ରଙ୍କ ପ୍ରତିକ୍ରିୟା

**ଅଗଷ୍ଟ 05, 2021**

**ଭାରତୀୟ କେନ୍ଦ୍ରଶାସିତ ଅଞ୍ଚଳ ଜାମ୍ମୁ-କାଶ୍ମୀରକୁ ଉଲ୍ଲେଖ କରି ଇସଲାମିକ୍ ସହଯୋଗ ସଂଗଠନ (ଓଆଇସି) ର ସାଧାରଣ ସଚିବାଳୟ ଦ୍ୱାରା ଜାରି କରାଯାଇଥିବା ପ୍ରେସ ବିଜ୍ଞପ୍ତି ଉପରେ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ସରକାରୀ ମୁଖପାତ୍ର ଶ୍ରୀ ଅରିନ୍ଦମ୍ ବାଗଚି କହିଛନ୍ତି:**

"ଜାମ୍ମୁ ଓ କାଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ସନ୍ଦର୍ଭରେ ଓଆଇସିର ସାଧାରଣ ସଚିବାଳୟ ଦ୍ୱାରା ଜାରି ପ୍ରେସ ବିଜ୍ଞପ୍ତିକୁ ଆମେ ସମ୍ପୂର୍ଣ୍ଣ ରୂପେ ଖଣ୍ଡନ କରୁଛୁ। ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ ଜାମ୍ମୁ-କାଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ପ୍ରସଙ୍ଗରେ ଓଆଇସିର ହସ୍ତକ୍ଷେପ କରିବାର କୌଣସି ଅଧିକାର ନାହିଁ। ଏହା ଦୋହରାଯାଉଛି ଯେ ଓଆଇସି ସାଧାରଣ ସଚିବାଳୟ ଭାରତର ଆଭ୍ୟନ୍ତରୀଣ ବ୍ୟାପାର ଉପରେ ମନ୍ତବ୍ୟ ଦେବା ପାଇଁ ନିଜର ପ୍ଲାଟଫର୍ମକୁ ବ୍ୟବହାର କରିବାକୁ ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀକୁ ଅନୁମତି ଦେବା ଉଚିତ୍ ନୁହେଁ।"

**ନୂଆଦିଲ୍ଲୀ**

**ଅଗଷ୍ଟ 05, 2021**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.